# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27 August - 2024**

**News Editor : *Tapan Kumar Moharana***

*************************************

## ମୁଖ୍ୟ ସମ୍ବାଦ

- ବିଧାନସଭାର ଅପରାହ୍ଣ ଅଧିବେଶନରେ ପର୍ଯ୍ୟଟନ, ମିଶନଶକ୍ତି ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଖର୍ଚ୍ଚଦାବି ଆଗତ କଲେ ବିଭାଗୀୟ ମନ୍ତ୍ରୀ
- ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ରାଜ୍ୟସଭା ଉପନିର୍ବାଚନରେ ମମତା ମହାନ୍ତ ନିର୍ଦ୍ୱନ୍ଦରେ ନିର୍ବାଚିତ
- ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ

— ଭାଦ୍ରବ ଶୁକ୍ଳ ପଂଚମୀ ତିଥିରେ ମା’ ସମଲେଶ୍ୱରୀଙ୍କଠାରେ  ଲାଗି ହେବ ନବାନ୍ନ

ଏବଂ

- ଲଘୁଚାପର ପ୍ରଭାବରେ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଲାଗି ରହିବ ବର୍ଷା

— ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ସ୍ୱାଭାବିକଠାରୁ ୧୦ ପ୍ରତିଶତ  ନିଅଣ୍ଟିଆ ବର୍ଷା

## ବିଧାନସଭା-ଖର୍ଚ୍ଚଦାବି

ବିଧାନସଭାର ଅପରାହ୍ନ ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ବିଭିନ୍ନ ବିଭାଗର ଖର୍ଚ୍ଚଦାବି ଗୃହରେ ଆଗତ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ୧୫ ହଜାର ୧୮୦ କୋଟି ୮୯ ଲକ୍ଷ ୫୩ହଜାର ଟଙ୍କା, ମିଶନ ଶକ୍ତି ବିଭାଗର ୨ ହଜାର ୭୬୧ କୋଟି ୫୨ଲକ୍ଷ ଟଙ୍କା ଏବଂ ପର୍ଯ୍ୟଟନ ବିଭାଗର ୮୧୭ କୋଟି ୯୪ଲକ୍ଷ ୨୨ହଜାର ଟଙ୍କାର ଖର୍ଚ୍ଚଦାବି ଶ୍ରୀମତୀ ପରିଡା ଆଗତ କରିଥିଲେ। ଆଲୋଚନାରେ ଭାଗନେଇ ବିଜେଡି ବିଧାୟକ ଗଣେଶ୍ୱର ବେହେରା କହିଥିଲେ ରାଜ୍ୟ ସରକାର ନିକଟରେ ସୁଭଦ୍ରା ଯୋଜନା ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି। ସରକାର ତାଙ୍କର ନିର୍ବାଚନୀ ସଙ୍କଳ୍ପପତ୍ରରେ ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଅର୍ଥ ଦେବାପାଇଁ ଘୋଷଣା କରିଥିଲେ। ହେଲେ ବର୍ତ୍ତମାନ ବାସ୍ତବରେ ସରକାର ହି ଯୋଜନାରେ ଅନେକ କଟକଣା ଲଗାଇଛନ୍ତି। କଂଗ୍ରେସ ସଦସ୍ୟ ସୋଫିଆ ଫିର୍ଦ୍ଦୋଷ ମଧ୍ୟ ସମାନ କଥା ଗୃହରେ ଉଠାଇ କହିଥିଲେ ସମସ୍ତ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ ପାଇଁ କହିଥିବାବେଳେ ବର୍ତ୍ତମାନ ଏହି ପ୍ରତିଶ୍ରୁତିରୁ ସରକାର ବିଚ୍ୟୁତ ହେଉଛନ୍ତି। କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ, କଟକ-ଭୁବନେଶ୍ୱର ଅଂଚଳରେ ପର୍ଯ୍ୟଟନର ବିକାଶ ସହିତ ଆଦିବାସୀ ଅଞ୍ଚଳର ଗାଁ ଗଣ୍ଡାରେ ପର୍ଯ୍ୟଟନର ବିକାଶ ପାଇଁ ସରକାର ପଦକ୍ଷେପ ନିଅନ୍ତୁ।

## ସୁଭଦ୍ରା ଯୋଜନା-ପ୍ରଭାତୀ ପରିଡା

ରାଜ୍ୟର ୧ କୋଟି ୮ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଯୋଜନାରେ  ସାମିଲ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା କହିଛନ୍ତି। ଶ୍ରୀମତୀ ପରିଡା କହିଛନ୍ତି, ରାଜ୍ୟରେ ୨ କୋଟି ୨୫ ଲକ୍ଷ ମହିଳା ୨୧ ବର୍ଷରୁ ୬୦ ବର୍ଷ

ବୟସ ମଧ୍ୟରେ ଅଛନ୍ତି। ସ୍ୱଚ୍ଛଳ ବର୍ଗଙ୍କୁ ଛାଡିଦେଲେ ଏହି ବୟସ ବର୍ଗରେ ୧ କୋଟି ୮ ଲକ୍ଷ ମହିଳା ଅଛନ୍ତି। ସୁଭଦ୍ରା ଯୋଜନାରେ ହିତାଧିକାରୀମାନେ ଅଙ୍ଗନୱାଡି କେନ୍ଦ୍ରରେ ଆବେଦନ କରି ପାରିବେ।

## ମୁକ୍ତା ଯୋଜନା

ରାଜ୍ୟର ୧୧୫ଟି ପୌରାଞ୍ଚଳରେ ମୁକ୍ତା ଯୋଜନା କାର୍ଯ୍ୟକାରୀ ହେଉଛି ବୋଲି ବିଧାନସଭାରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ସୂଚନା ଅନୁସାରେ, ମୁକ୍ତା ଯୋଜନାରେ ୧ ହଜାର ୨୭୧ କୋଟି ୪୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ମୁକ୍ତା ଯୋଜନାରେ ପୌରାଞ୍ଚଳରେ ଜଳ ସଂରକ୍ଷଣ ଓ ବର୍ଷାଜଳ ଅମଳ ପ୍ରକଳ୍ପ, ଶିଶୁ କ୍ରୀଡା କେନ୍ଦ୍ର, ସହରୀ ସୌନ୍ଦର୍ଯ୍ୟକରଣ, ଗୋଷ୍ଠି କେନ୍ଦ୍ର, ସର୍ବସାଧାରଣ ବ୍ୟାୟାମଶାଳା, ଖାଲି ପଡିଥିବା ସ୍ଥାନଗୁଡ଼ିକର ଉନ୍ନତୀକରଣ, ଶୌଚାଳୟ ନିର୍ମାଣ, ଛୋଟ ପାର୍କ, ଖେଳପଡିଆ, ଭେଣ୍ଡିଂ ଜୋନ୍, ଜଳାଶୟଗୁଡ଼ିକର ନବୀକରଣ କରାଯାଉଛି। ମୁକ୍ତା ଯୋଜନାରେ ସର୍ବାଧିକ ୧୪୫କୋଟି ୨୨ଲକ୍ଷ ଟଙ୍କା ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ବ୍ୟୟ ହୋଇଥିବାବେଳେ କଟକ ମହାନଗର ନିଗମ ଅଞ୍ଚଳରେ ୬୫ କୋଟି ୮୮ଲକ୍ଷ ଟଙ୍କା ବ୍ୟୟ କରାଯାଇଛି। ଝାରସୁଗୁଡା ପୌରପାଳିକାରେ ମୁକ୍ତା ଯୋଜନାରେ ୧୬କୋଟି ୪୯ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ମନ୍ତ୍ରୀ ଗୃହରେ ସୂଚନା ଦେଇଛନ୍ତି।

## ରାଜ୍ୟସଭା ଉପନିର୍ବାଚନ

ରାଜ୍ୟସଭା ଉପନିର୍ବାଚନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିବା ଜଗନ୍ନାଥ ପ୍ରଧାନ ଆଜି ତାଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର

କରିନେଇଛନ୍ତି। ରାଜ୍ୟସଭା ଉପନିର୍ବାଚନ ପାଇଁ ଆଜି ନାମାଙ୍କନ ପ୍ରତ୍ୟାହାରର ଶେଷ ଦିନ ଥିଲା। ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ମମତା ମହାନ୍ତ ଏକମାତ୍ର ପ୍ରାର୍ଥୀ ଥିବାରୁ, ନିର୍ଦ୍ୱନ୍ଦରେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି।

## ଧର୍ମେନ୍ଦ୍ର ପ୍ରଧାନ-ସମ୍ବଲପୁର ଗସ୍ତ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଗସ୍ତରେ ଯାଇ ଜିଲ୍ଲାର ବିଭିନ୍ନ ସମସ୍ୟା ଉପରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ଉତ୍ତରାଞ୍ଚଳ ଆଇଜି, ସମ୍ବଲପୁର ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ଜାତୀୟ ରାଜପଥ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କର ଗସ୍ତ ସମୟରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ରେଙ୍ଗାଲି ପୂର୍ବତନ ବିଧାୟକ ନାଉରି ନାଏକଙ୍କ ସହ ଅନେକ ବିଜେପି କର୍ମୀଙ୍କ ସହ ଆଲୋଚନା କରିଥିବା ଜଣାପଡିଛି।

## ସାମ୍ବାଦିକ ସମ୍ମିଳନୀ

**ସମ୍ବଲପୁର** ରେଳ ଡିଭିଜନ ପକ୍ଷରୁ ପେନସନ୍ ସମ୍ବନ୍ଧୀୟ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଯେକୌଣସି ବିଭାଗର କର୍ମଚାରୀ ଯଦି ତାଙ୍କ ଚାକିରିର ସର୍ବନିମ୍ନ ୧୦ ବର୍ଷ ଚାକିରି କରିଥିବେ ସେମାନେ ପେନସନର ସୁବିଧା ପାଇପାରିବେ। ସେହିପରି କର୍ମଚାରୀଙ୍କର ଚାକିରି ଯଦି ୨୫ ବର୍ଷ ହୋଇଥିବ ତାହେଲେ ମୂଳ ଦରମାର ୫୦ ପ୍ରତିଶତ ପେନସନ ମିଳିବ। ଚାକିରିରୁ ଅବସର ଗ୍ରହଣ କରିଥିଲେ ମଧ୍

ପେନସନ ନପାଉଥିବା କର୍ମଚାରୀ ଏହି ସୁବିଧା ପାଇପାରିବେ ବୋଲି ସମ୍ବଲପୁର ରେଳ ଡିଭିଜନର ଅତିରିକ୍ତ ଆଂଚଳିକ ରେଳ ପ୍ରବନ୍ଧକ ସୂଚନା ଦେଇଛନ୍ତି ।

## ନୂଆଖାଇ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଇଁ ଲଗ୍ନ ଧାର୍ଯ୍ୟ କରାଯାଇଛି । ଭାଦ୍ରବ ଶୁକ୍ଳ ପଂଚମୀ ତିଥିରେ ଆସନ୍ତା ମାସ ୮ ତାରିଖ ଦିନ ସକାଳ ୯ଟା ୧୨ମିନିଟ୍‌ରୁ ୯ ଟା ୨୭ ମିନିଟ୍ ମଧ୍ୟରେ ଶୁଭ ଲଗ୍ନ ସ୍ଥିର ହୋଇଛି । ପଶ୍ଚିମ ଓଡ଼ିଶାର ଇଷ୍ଟ ଦେବୀ **ସମ୍ବଲପୁର**ର ମା' ସମଲେଶ୍ୱରୀଙ୍କଠାରେ ନବାନ୍ନ ଲାଗି ହେବା ପରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ନବାନ୍ନ ଗ୍ରହଣ କରିବେ। ସମ୍ବଲପୁର ସହରର ବ୍ରହ୍ମପୁରା ମନ୍ଦିର ପରିସରରେ ଆଜି ଲଗ୍ନ ନିର୍ଦ୍ଧାରଣ ହୋଇଥିଲା। **ସୁବର୍ଣ୍ଣପୁର** ଜିଲ୍ଲା ସମେତ ବୌଦ୍ଧ ଜିଲ୍ଲାର ପଞ୍ଚରା ଅଂଚଳ ସକାଶେ ଆଜି ସୁବର୍ଣ୍ଣପୁରଠାରେ ଲଗ୍ନ ସ୍ଥିର ହୋଇଛି । ସୁବର୍ଣ୍ଣପୁର ରାଜବାଟୀ ପରିସରରେ ଥିବା ଜଗନ୍ନାଥ ମନ୍ଦିରର ମୁକ୍ତିମଣ୍ଡପଠାରେ ଆୟୋଜିତ ପଣ୍ଡିତ ମହାସଭାରେ ଚଳିତବର୍ଷର ନୂଆଁଖାଇ ଲଗ୍ନ ଆସନ୍ତା ମାସ ୮ ତାରିଖକୁ ଧାର୍ଯ୍ୟ କରାଯାଇଛି । ସୂଚନାଯୋଗ୍ୟ, ନନ୍ଦୋତ୍ସବର ଅପରାହ୍ନରେ ସୁବର୍ଣ୍ଣପୁରର ଜଗନ୍ନାଥ ମନ୍ଦିରରେ ଏହି ପାରମ୍ପାରିକ ଲଗ୍ନଧାର୍ଯ୍ୟ ପାଇଁ ପଣ୍ଡିତ ସଭା ହୋଇଥାଏ ।

## ଯୁଗ୍ମ ଜନଶୁଣାଣି ଶିବିର

ରାଜ୍ୟ ସରକାରଙ୍କର ସାପ୍ତାହିକ ଯୁଗ୍ମ ଜନଶୁଣାଣି ଆଜି ପ୍ରତ୍ୟେକ ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। **ନୟାଗଡ** ଜିଲା ନୂଆଗାଁ ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ଶିବିରରେ  ପଞ୍ଜୀକୃତ ହୋଇଥିବା ୧୦୬ଟି ଅଭିଯୋଗ ମଧ୍ୟରୁ ୪୫ଟି ମାମଲାର ତତ୍କାଳ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ  ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। **ଭଦ୍ରକ** ଜିଲ୍ଲା ତିହିଡି ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଏବଂ ଏସ୍‌ପି ବରୁଣ ଗୁଣ୍ଟପାଲ୍ଲୀ ଯୋଗଦେଇ ୧୨୫ଟି ଅଭିଯୋଗର ଶୁଣାଣି କରିଥିଲେ। **ବୌଦ୍ଧ** ଜିଲ୍ଲା ଯୋଗୀନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଆଜି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୍ ୧୦୯ଟି ଅଭିଯୋଗ ମଧ୍ୟରୁ ୩୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଶିବିରରେ ୨ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। **ଗଞ୍ଜାମ** ଜିଲ୍ଲା  ବ୍ରହ୍ମପୁର ଉପଖଣ୍ଡ ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିରରେ ମୋଟ  ୪୮ଟି ଅଭିଯୋଗର ଶୁଣାଣି ହୋଇଥିଲା।  ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଭିଯୋଗ ଶୁଣାଣି

**ନୂଆପଡା** ଜିଲ୍ଲା ସିନାପାଲି ବ୍ଲକ୍ ସମ୍ମିଳନୀ କକ୍ଷରେ ଆଜି ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମଧୁସୂଦନ ଦାସ ଏବଂ ଆରକ୍ଷୀ

ଅଧିକ୍ଷକ ଆର.ଏସ୍.ରାଘବେନ୍ଦ୍ର ଯୋଗଦେଇ ଅଭିଯୋଗଗୁଡ଼ିକର ଶୁଣାଣି କରିବା ସହ କେତୋଟି ଅଭିଯୋଗର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଜନଶୁଣାଣି ଶିବିର-୨

**କଳାହାଣ୍ଡି** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣି ରାମପୁର ପଞ୍ଚାୟତ ସମ୍ମିଳନୀ କକ୍ଷରେ ଜିଲାପାଳ ସଚିନ ପାୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୧୦୯ଟି ଅଭିଯୋଗ ମଧ୍ୟରୁ ୧୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

**ସୁବର୍ଣ୍ଣପୁର** ଜିଲ୍ଲା ବିନିକାଠାରେ ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ୬୯ଟି ପଞ୍ଜୀକୃତ ଅଭିଯୋଗ ଗ୍ରହଣ କରିଥିଲେ। ସେଥିମଧ୍ୟରୁ ଗୋଟିଏ ଅଭିଯୋଗର ସମାଧାନ ହୋଇଥିବାବେଳେ ଅନ୍ୟ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## କୌଶଳ ରଥ

**ବୌଦ୍ଧ** ଜିଲ୍ଲା ମନମୁଣ୍ଡାଠାରେ କୌଶଳ ରଥକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଛି। ଛାତ୍ରଛାତ୍ରୀମାନଙ୍କର କୌଶଳଭିତ୍ତିକ ଶିକ୍ଷାରେ ଆଗ୍ରହ ବଢ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା କୌଶଳ ରଥ ବର୍ତ୍ତମାନ ବିଭିନ୍ନ ଜିଲ୍ଲା

ପରିଭ୍ରମଣ କରୁଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ କୌଶଳ ରଥ ଚଳିତମାସ ୨୮ ତାରିଖରୁ ୪ ଦିନ ଧରି ବୌଦ୍ଧ ଜିଲ୍ଲା ଭ୍ରମଣ କରିବ।

## ରାଷ୍ଟ୍ରୀୟ ଆବିଷ୍କାର

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନକୁ ନେଇ ଗଞ୍ଜାମ ଜିଲ୍ଲାର ଛତ୍ରପୁର ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା ଆଜି ରିକାପଲ୍ଲୀ ସ୍ଥିତ ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବ୍ଲକର ୧୨୮ ଟି ବିଦ୍ୟାଳୟର ୩୦୦ ଜଣ ଛାତ୍ରଛାତ୍ରୀ ଏହି କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଛତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ଏହି କୁଇଜ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା।

## ପାଣିପାଗ-୨

ଚଳିତ ମୌସୁମୀ ଋତୁରେ ଜୁନ୍ ପହିଲାରୁ ବର୍ତ୍ତମାନସୁଦ୍ଧା ରାଜ୍ୟରେ ୭୭୯ ଦଶମିକ ୫ ପ୍ରତିଶତ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସ୍ୱାଭାବିକ ବର୍ଷା ତୁଳନାରେ ୧୦ ପ୍ରତିଶତ କମ୍ ବର୍ଷା ହୋଇଛି। ମାଲକାନଗିରି ଜିଲ୍ଲାରେ ସବୁଠାରୁ ଅଧିକ ବର୍ଷା ୧ ହଜାର ୩୭୯ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ରାଜ୍ୟର ୧୮ଟି ଜିଲ୍ଲାରେ ବର୍ଷାର ସ୍ୱାଭାବିକ ସ୍ଥିତି ଥିବାବେଳେ ୧୧ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି।